ଭାରତ ସଂଘ ସରକାର

ବନାମ

ସି.ଏନ୍. ବାସୁଦେବନ

(ଦେୱାନୀ ଆବେଦନ ସଂଖ୍ୟା 7260/2002)

7 ମଇ, 2008

**(ଏଚ.କେ. ସେମା ଏବଂ ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତିଦ୍ୱୟ)**

*ସେବା ଆଇନ :*

*ପାରିତୋଷିକ/ଅତିରିକ୍ତ ପାରିଶ୍ରମିକ -ଆଞ୍ଚଳିକ ପାସପୋର୍ଟ ଅଧିକାରୀ -ପ୍ରବାସୀମାନଙ୍କ ରକ୍ଷକଙ୍କ ଦାୟିତ୍ୱ ମଧ୍ୟ ନ୍ୟସ୍ତ କରାଯାଇଛି -କାର୍ଯ୍ୟ ଦିବସରେ ସାଧାରଣ ଅଫିସ୍ ସମୟରେ କରାଯାଇଥିବା କର୍ତ୍ତବ୍ୟ -ପ୍ରବାସୀ ସୁରକ୍ଷାକର୍ତ୍ତା ଭାବରେ କାର୍ଯ୍ୟ କରିଥିବା ସମୟ ପାଇଁ ଦରମା ବ୍ୟତୀତ ପାରିତୋଷିକ/ପାରଶ୍ରମିକ ପାଇଁ ଆଞ୍ଚଳିକ ପାସପୋର୍ଟ ଅଧିକାରୀଙ୍କ ଦ୍ୱାରା ଦାବି- ନିର୍ଣ୍ଣୟ ହେଲା: ଗ୍ରହଣୀୟ ନୁହେଁ-ଉଭୟ ଉଚ୍ଚ ନ୍ୟାୟାଳୟ ଏବଂ ନ୍ୟାୟାଧିକରଣ ଆଇନ ତଥା ତଥ୍ୟରେ ଉକ୍ତ ପଦବୀଧାରୀଙ୍କୁ ପାରିତୋଷିକ ପ୍ରଦାନ କରିବାରେ ତ୍ରୁଟି କରିଥିଲେ -ପ୍ରବାସ ଅଧିନିୟମ ଅନୁଯାୟୀ ପ୍ରବାସୀମାନଙ୍କ ସୁରକ୍ଷାକାରୀଙ୍କ କର୍ତ୍ତବ୍ୟ ଆଞ୍ଚଳିକ ପାସପୋର୍ଟ ଅଧିକାରୀଙ୍କ ସାଧାରଣ କର୍ତ୍ତବ୍ୟର ଅଂଶବିଶେଷ-ଦାବି ଅନୁଯାୟୀ କୌଣସି ଅତିରିକ୍ତ ପାରିଶ୍ରମିକ ଦେବାକୁ ପଡିବ ନାହିଁ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 7260/2002 ।

ଏସ୍.ସି.ଏ. ସଂଖ୍ୟା 1962/2001 ରେ ଅହମ୍ମଦାବାଦସ୍ଥିତ ଗୁଜରାଟ ଉଚ୍ଚ ନ୍ୟାୟାଳୟର 18.7.2001 ତାରିଖର ରାୟରୁ ।

ଆବେଦନକାରୀମାନଙ୍କ ପାଇଁ ରେଖା ପାଣ୍ଡେ, ସୁଷମା ସୁରୀ ଏବଂ ବି. ଭି. ବଳରାମ ଦାସ ।

ଉତ୍ତରଦାତାଙ୍କ ପାଇଁ ଦେବାଶିଷ ମିଶ୍ର ।

ନ୍ୟାୟାଳୟର ଆଦେଶ ପ୍ରଦାନ କରାଯାଇଥିଲା:

ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲଙ୍କୁ ଶୁଣିଲୁ । ଉତ୍ତରଦାତାଙ୍କ ପାଇଁ କେହି ଉପସ୍ଥିତ ହୋଇନାହାନ୍ତି ।

ଏହି ଆବେଦନରେ ଜଡିତ ପ୍ରଶ୍ନ ହେଉଛି ଯେ ଅହମ୍ମଦାବାଦର ଆଞ୍ଚଳିକ ପାସପୋର୍ଟ ଅଧିକାରୀ ଭାବରେ ତାଙ୍କର ଦରମା ବ୍ୟତୀତ ପ୍ରବାସୀମାନଙ୍କ ରକ୍ଷକ ଭାବରେ କାର୍ଯ୍ୟ କରିଥିବା ଅବଧି ପାଇଁ ଉତ୍ତରଦାତା ପାରିତୋଷିକ/ପାରିଶ୍ରମିକ ପ୍ରଦାନ ପାଇଁ ହକଦାର କି?

ଉତ୍ତରଦାତା ଜଣେ ଆଞ୍ଚଳିକ ପାସପୋର୍ଟ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କୁ ପ୍ରବାସୀମାନଙ୍କ ସୁରକ୍ଷା ଦାୟିତ୍ୱ ଏବଂ କର୍ତ୍ତବ୍ୟ ମଧ୍ୟ ଦିଆଯାଇଥିଲା । ସେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ସମ୍ମୁଖରେ ଏକ ଓ.ଏ. ଦାଖଲ କରି ଅନୁରୋଧ କରିଥିଲେ ଯେ ଯେହେତୁ ଆଞ୍ଚଳିକ ପାସପୋର୍ଟ ଅଧିକାରୀ ଏବଂ ପ୍ରବାସୀଙ୍କ ସୁରକ୍ଷା ଦାୟିତ୍ୱ ସମ୍ପୂର୍ଣ୍ଣ ଭିନ୍ନ, ତେଣୁ ତାଙ୍କୁ ପରବର୍ତ୍ତୀ କ୍ଷମତାରେ କାର୍ଯ୍ୟ କରିଥିବା ପାଇଁ ପାରିତୋଷିକ ଦିଆଯାଉ । ତାଙ୍କ ଆବେଦନକୁ ନ୍ୟାୟାଧିକରଣ ଅନୁମତି ଦେଇଥିଲେ । ଉଚ୍ଚ ନ୍ୟାୟାଳୟ ନିଜର ଆକ୍ଷେପିତ ଆଦେଶ ଦ୍ୱାରା ନ୍ୟାୟାଧିକରଣର ଆଦେଶ ନିଶ୍ଚିତ କରିଥିଲେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆମେ ନ୍ୟାୟାଧିକରଣ ସମ୍ମୁଖରେ ଅହମ୍ମଦାବାଦର ଆଞ୍ଚଳିକ ପାସପୋର୍ଟ ଅଧିକାରୀଙ୍କ ତରଫରୁ ପ୍ରଦାନ ହୋଇଥିବା ପ୍ରତି-ସତ୍ୟପାଠକୁ ଅନୁଧ୍ୟାନ କରିଛୁ । ପ୍ରତିଆରୋପ ଶପଥ ପତ୍ରର ଅନୁଚ୍ଛେଦ ୨ରେ କୁହାଯାଇଛି ଯେ ସମସ୍ତ 14ଟି ପାସପୋର୍ଟ ଅଧିକାରୀଙ୍କୁ ପ୍ରବାସୀମାନଙ୍କ ସୁରକ୍ଷା ଦାୟିତ୍ୱ ନିର୍ବାହ କରିବା ପାଇଁ କ୍ଷମତା ଦିଆଯାଇଥିଲା, ଯାହାଦ୍ୱାରା ଭାରତରୁ ପ୍ରସ୍ଥାନ କରିବାକୁ ଚାହୁଁଥିବା ଜଣେ ବ୍ୟକ୍ତି ପ୍ରବାସୀ ଅଧିନିୟମ, 1983 ଉଦ୍ଦେଶ୍ୟରେ ପ୍ରବାସୀ କି ନୁହେଁ ତାହା ସ୍ଥିର କରାଯାଇପାରିବ । ଏହା ମଧ୍ୟ କୁହାଯାଇଛି ଯେ ପ୍ରବାସୀଙ୍କ ସୁରକ୍ଷା କର୍ତ୍ତବ୍ୟ ଆଞ୍ଚଳିକ ପାସପୋର୍ଟ ଅଧିକାରୀଙ୍କ ସାଧାରଣ କର୍ତ୍ତବ୍ୟର ଏକ ଅଂଶ ଥିଲା । ଏହା ମଧ୍ୟ କୁହାଯାଇଛି ଯେ କେବଳ କାର୍ଯ୍ୟ ଦିବସରେ ସାଧାରଣ କାର୍ଯ୍ୟାଳୟ ସମୟରେ ଆଞ୍ଚଳିକ ପାସପୋର୍ଟ ଅଧିକାରୀଙ୍କ ଦ୍ୱାରା ପ୍ରବାସୀଙ୍କ ସୁରକ୍ଷା କର୍ତ୍ତବ୍ୟ ପାଳନ କରାଯିବ । ଏହା ମଧ୍ୟ ଯୁକ୍ତି କରାଯାଇଛି ଯେ ପ୍ରବାସୀମାନଙ୍କ ରକ୍ଷକଙ୍କ କର୍ତ୍ତବ୍ୟ ପାସପୋର୍ଟ ଅଧିକାରୀମାନଙ୍କ ଦ୍ୱାରା ପାଳନ କରାଯାଉଛି ଏବଂ ସେମାନଙ୍କୁ କୌଣସି ଅତିରିକ୍ତ କର୍ତ୍ତବ୍ୟ କିମ୍ବା ଦାୟିତ୍ୱ ନ୍ୟସ୍ତ କରାଯାଇ ନାହିଁ । ଉକ୍ତ ପ୍ରତି-ଶପଥ ପତ୍ର ଅନୁଯାୟୀ, ତେଣୁ, ପ୍ରବାସୀମାନଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଆଞ୍ଚଳିକ ପାସପୋର୍ଟ ଅଧିକାରୀଙ୍କୁ ପାରିତୋଷିକ ଦେୟ ପ୍ରଦାନ କରିବାର କୌଣସି ପ୍ରଶ୍ନ ନଥିଲା ।

ଉପରୋକ୍ତ ଯୁକ୍ତି ସହ ଆମେ ସହମତ । ଉଭୟ ଉଚ୍ଚ ନ୍ୟାୟାଳୟ ଏବଂ ନ୍ୟାୟାଧିକରଣ ଆଇନରେ ତଥା ତଥ୍ୟରେ ଉତ୍ତରଦାତାଙ୍କୁ ପାରିତୋଷିକ ମଞ୍ଜୁର କରିବାରେ ତ୍ରୁଟି କରିଥିଲେ ।

ପ୍ରବାସ ଅଧିନିୟମ ଅନୁଯାୟୀ ପ୍ରବାସୀ ସୁରକ୍ଷାଦାତାଙ୍କ କର୍ତ୍ତବ୍ୟ ଆଞ୍ଚଳିକ ପାସପୋର୍ଟ ଅଧିକାରୀଙ୍କ ସାଧାରଣ କର୍ତ୍ତବ୍ୟର ଏକ ଅଂଶ । ତେଣୁ ଆଞ୍ଚଳିକ ପାସପୋର୍ଟ ଅଧିକାରୀ ଭାବରେ ଦରମା ବ୍ୟତୀତ ଏହି କାର୍ଯ୍ୟ ପାଇଁ କୌଣସି ଅତିରିକ୍ତ ପାରିଶ୍ରମିକ ଦେବାକୁ ପଡ଼ିବ ନାହିଁ । ଏକ ଅନୁରୂପ ଉଦାହରଣ ଦେବା ପାଇଁ, ଏକ ଜିଲ୍ଲାର ଜିଲ୍ଲା ମାଜିଷ୍ଟ୍ରେଟ୍/ଜିଲ୍ଲାପାଳ ମଧ୍ୟ ଉକ୍ତ ଅଧିନିୟମ ଅନୁଯାୟୀ କାର୍ଯ୍ୟ ସମ୍ପାଦନ ପାଇଁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରୀୟ ଅଧିନିୟମ ଅନୁଯାୟୀ ନିର୍ଦ୍ଧାରିତ କର୍ତ୍ତୃପକ୍ଷ ଅଟନ୍ତି । ଏହା ଜିଲ୍ଲା ମାଜିଷ୍ଟ୍ରେଟ୍/ଜିଲ୍ଲାପାଳଙ୍କୁ ତାଙ୍କ ସାଧାରଣ ଦରମା ଉପରେ କୌଣସି ଅତିରିକ୍ତ ପାରିଶ୍ରମିକ ପାଇବାକୁ ଯୋଗ୍ୟ କରେ ନାହିଁ ।

ଉପରୋକ୍ତ ଦୃଷ୍ଟିରୁ, ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟର ଆଦେଶକୁ ଖାରଜ କରାଯାଇଛି । ଏହି ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର.ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।